# 2022-23 (ଲେଖାନୁଦାନ) ବଜେଟ ଆକଳନର ମୁଖ୍ୟାଂଶ

ଆଜି 30 ମାର୍ଚ୍ଚ, 2022ରେ ମାନ୍ୟବର ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ନିରଞ୍ଜନ ପୂଜାରୀ 2022-23 ଆର୍ଥିକ ବର୍ଷ ନିମନ୍ତେ **2 ଲକ୍ଷ କୋଟି ଟଙ୍କାର** ଲେଖାନୁଦାନ ବଜେଟ୍ ବିଧାନସଭା ଅନୁମୋଦନ ପାଇଁ ଉପସ୍ଥାପନ କରିଛନ୍ତି । ଏହି ଜନକଲ୍ୟାଣକାରୀ ବଜେଟ୍ ରେ ଅଭିବୃଦ୍ଧି, ବିକାଶ, ଭିତ୍ତିଭୂମି ଉନ୍ନୟନ ଓ ପୁଞ୍ଜି ନିବେଶ ଉପରେ ଗୁରୁତ୍ୱ ଆରୋପ କରାଯାଇଅଛି । ଏହି ବଜେଟ୍ ବିଗତ 2021-22 ଆର୍ଥିକ ବର୍ଷ ତୁଳନାରେ 17.6% ଅଧିକ ଅଟେ ।

ଚଳିତ ବର୍ଷ ଫେବୃୟାରୀ ଏବଂ ମାର୍ଚ୍ଚ ମାସରେ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ସହରାଞ୍ଚଳ ନିକାୟ ସଂସ୍ଥା ନିମନ୍ତେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ଘୋଷଣା ପରେପରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲା । ତେବେ ବଜେଟ୍ ସମ୍ପର୍କିତ ସମସ୍ତ ବୈଧାନିକ ପ୍ରକ୍ରିୟା ଯଥା:- ବଜେଟ୍ ଉପସ୍ଥାପନ, ମାନ୍ୟବର ସଦସ୍ୟମାନଙ୍କ ଦ୍ୱାରା ବଜେଟ୍ ଉପରେ ବିଚାର ବିମର୍ଶ ଓ ବ୍ୟୟ ମଞ୍ଜୁରୀ ବିଧେୟକ (Appropriation Bill) ମାର୍ଚ୍ଚ 31 ତାରିଖ ପୂର୍ବରୁ ପାରିତ ହେବା ସମ୍ଭବପର ନଥିଲା । ଏଣୁ ଏକ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବା ପରିବର୍ତ୍ତେ ରାଜ୍ୟ ସରକାର 2022-23 ଆର୍ଥିକ ବର୍ଷର ପ୍ରଥମ ଚାରିମାସ ପାଇଁ ଏକ କାମଚଳା ବଜେଟ୍ ପ୍ରସ୍ତାବ ରଖିଛନ୍ତି । ଏହାଦ୍ୱାରା ପ୍ରଚଳିତ ପ୍ରତିଷ୍ଠାନ, ଯୋଜନା ଏବଂ ପ୍ରକଳ୍ପଗୁଡିକ ନିମନ୍ତେ ଆବଶ୍ୟକୀୟ ଖର୍ଚ୍ଚ ପାଇଁ ସମ୍ବଳ ଯୋଗାଇ ଦେବାରେ ସରକାର ସକ୍ଷମ ହେବେ ।

2021-22 ଏବଂ 2022-23 ଆର୍ଥିକ ବର୍ଷ ବଜେଟ୍‌ର ତୁଳନାତ୍ମକ ବିବରଣୀ ନିମ୍ନଲିଖିତ ସାରଣୀରେ ଦର୍ଶାଯାଇଛି ।

**(କୋଟି ଟଙ୍କା ହିସାବରେ)**

| କ୍ରମିକ ସଂଖ୍ୟା | ପ୍ରକାର | 2021-22 ଆର୍ଥିକ ବର୍ଷର ବଜେଟ୍ ଆକଳନ | 2022-23 ଆର୍ଥିକ ବର୍ଷର ବଜେଟ୍ ଆକଳନ |
|---|---|---|---|
| 1. | ପ୍ରଶାସନିକ ଖର୍ଚ୍ଚ | 85,000 | 89,620 |
| 2. | କାର୍ଯ୍ୟକ୍ରମ ଖର୍ଚ୍ଚ | 75,000 | 1,00,000 |
| 3. | ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଖର୍ଚ୍ଚ | 3,050 | 3,210 |
| 4. | ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତରିତ ହେଉଥିବା ଅର୍ଥରୁ ଖର୍ଚ୍ଚ | 6,950 | 7,170 |
| **ମୋଟ -** | | **1,70,000** | **2,00,000** |

2022-23 ଆର୍ଥିକ ବର୍ଷର ଏପ୍ରିଲ ରୁ ଜୁଲାଇ ମାସ ପର୍ଯ୍ୟନ୍ତ ଖର୍ଚ୍ଚ ବାବଦକୁ **1 ଲକ୍ଷ 6 ହଜାର 4 ଶହ 98 କୋଟି ଟଙ୍କାର** ଲେଖାନୁଦାନ ଆଗତ କରାଯାଇଅଛି । ଏଥିରେ ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧୀୟ ଖର୍ଚ୍ଚ ବାବଦକୁ ମୋଟ୍ ବାର୍ଷିକ ବ୍ୟୟ ଅଟକଳର ଶତ ପ୍ରତିଶତ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ବ୍ୟୟ ଅଟକଳର 50 ପ୍ରତିଶତ ଅନ୍ତର୍ଭୁକ୍ତ ।

## 1. ରାଜ୍ୟ ବଜେଟର ଗୁଣାତ୍ମକ ଦିଗ

- ❖ କାର୍ଯ୍ୟକ୍ରମ ଖର୍ଚ୍ଚର ପରିମାଣ **1 ଲକ୍ଷ କୋଟି ଟଙ୍କା** ଅଟକଳ କରାଯାଇଛି ।
- ❖ ଏହି ବଜେଟ୍‌ରେ **କୃଷି ଓ ଆନୁସଙ୍ଗିକ କ୍ଷେତ୍ର** ପାଇଁ ବ୍ୟୟ ଅଟକଳ ଯଥେଷ୍ଟ ବୃଦ୍ଧି କରାଯାଇ **20,344 କୋଟି ଟଙ୍କା** ଆକଳନ କରାଯାଇଅଛି ।
- ❖ ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ର ପାଇଁ **23,947 କୋଟି ଟଙ୍କା** ବ୍ୟୟ ବରାଦ ।
- ❖ ସ୍ୱାସ୍ଥ୍ୟ କ୍ଷେତ୍ରରେ **12,241 କୋଟି ଟଙ୍କା**ର ବ୍ୟୟ ବରାଦ ।
- ❖ **ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ** ପାଇଁ **8,255 କୋଟି ଟଙ୍କା**ର ପୁଞ୍ଜି ବିନିଯୋଗ ।
- ❖ ଅନୁସୂଚିତ ଜନଜାତି ଓ ଜାତି ମାନଙ୍କ ପାଇଁ ଚିହ୍ନିତ ଯୋଜନା ଦ୍ୱାରା କାର୍ଯ୍ୟକ୍ରମ ବ୍ୟୟ ମାଧ୍ୟମରେ **33,203 କୋଟି ଟଙ୍କାର** ବ୍ୟୟ ବରାଦ ।
- ❖ ଟିକସ ଓ ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର ଅନୁପାତ **2022-23(B.E)** ରେ **6.4** ପ୍ରତିଶତ ହେବା ପାଇଁ ଅଟକଳ କରାଯାଇଛି ।
- ❖ ମୋଟ ରାଜସ୍ୱରେ ନିଜସ୍ୱ ରାଜସ୍ୱର ଭାଗ ପ୍ରାୟ 58 ପ୍ରତିଶତ ହୋଇପାରିଛି ଯାହାଦ୍ୱାରା କେନ୍ଦ୍ରୀୟ ସହାୟତା ଉପରେ ଆମର ନିର୍ଭରଶୀଳତା କମିଛି ।
- ❖ ରାଜସ୍ୱ ବଳକା, ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର **2.7** ପ୍ରତିଶତ ହେବବୋଲି ଆକଳନ କରାଯାଇଛି ।
- ❖ ବିତ୍ତୀୟ ନିଅଣ୍ଟ, ଘରୋଇ ଉତ୍ପାଦର ଧାର୍ଯ୍ୟ ଲକ୍ଷ୍ୟର **3** ପ୍ରତିଶତ ମଧ୍ୟରେ ସୀମିତ ରହିବ ।
- ❖ ପୁଞ୍ଜି ବ୍ୟୟ ବାବଦକୁ 40,011 କୋଟି ଟଙ୍କା ଅଟକଳ ହୋଇଛି ଯାହାକି ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (GSDP) ର 5 ଦଶମିକ 6 ପ୍ରତିଶତ ଅଟେ ।

### ବିଭାଗୱାରୀ ଆବଣ୍ଟନ

**(କୋଟି ଟଙ୍କା ହିସାବରେ)**

| ଦାବି ସଂଖ୍ୟା | ବିଭାଗ | ପ୍ରଶାସନିକ ବ୍ୟୟ | କାର୍ଯ୍ୟକ୍ରମ ବ୍ୟୟ | ବିପର୍ଯ୍ୟୟ ପ୍ରଶମନ | ରାଜ୍ୟରୁ ସ୍ଥାନାନ୍ତର | ସର୍ବ ମୋଟ |
|---|---|---|---|---|---|---|
| 1 | ସ୍ୱରାଷ୍ଟ୍ର ବିଭାଗ | 5411.58 | 965.46 | | | **6377.04** |
| 2 | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ | 316.28 | 206.32 | | | **522.61** |
| 3 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | 1131.97 | 367.87 | | | **1499.84** |
| 4 | ଆଇନ ବିଭାଗ | 525.26 | 34.92 | | | **560.19** |
| 5 | ଅର୍ଥ ବିଭାଗ | 54193.67 | 4740.00 | | | **58933.67** |
| 6 | ବାଣିଜ୍ୟ ବିଭାଗ | 86.98 | 86.61 | | | **173.59** |
| 7 | ନିର୍ମାଣ ବିଭାଗ | 1900.71 | 6433.26 | | | **8333.97** |
| 8 | ଓଡିଶା ବିଧାନ ସଭା | 165.05 | 0.00 | | | **165.05** |
| 9 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | 85.43 | 1119.45 | | | **1204.88** |
| 10 | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | 12478.05 | 7852.71 | | | **20330.76** |
| 11 | ଅନିସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ | 991.47 | 3058.21 | | | **4049.69** |
| 12 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | 3268.09 | 8238.11 | | | **11506.20** |

| ଦାବି ସଂଖ୍ୟା | ବିଭାଗ | ପ୍ରଶାସନିକ ବ୍ୟୟ | କାର୍ଯ୍ୟକ୍ରମ ବ୍ୟୟ | ବିପର୍ଯ୍ୟୟ ପ୍ରଶମନ | ରାଜ୍ୟରୁ ସ୍ଥାନାନ୍ତର | ସର୍ବ ମୋଟ |
|---|---|---|---|---|---|---|
| 13 | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | 659.58 | 3379.39 | | 2,459.50 | **6498.47** |
| 14 | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | 116.98 | 66.10 | | | **183.08** |
| 15 | କ୍ରୀଡା ଓ ଯୁବସେବା ବିଭାଗ | 57.99 | 544.00 | | | **601.99** |
| 16 | ଯୋଜନା ଓ ସଂଯୋଜନ ବିଭାଗ | 51.23 | 6405.41 | | | **6456.64** |
| 17 | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ | 462.14 | 16073.79 | | 4,710.50 | **21246.42** |
| 18 | ସାଧାରଣ ଅଭିଯୋଗ ଓ ପେନସନ୍ ପ୍ରଶାସନ ବିଭାଗ | 2.21 | 0.00 | | | **2.21** |
| 19 | ଶିଳ୍ପ ବିଭାଗ | 6.40 | 640.00 | | | **646.40** |
| 20 | ଜଳ ସମ୍ପଦ ବିଭାଗ | 1521.94 | 8523.02 | | | **10044.96** |
| 21 | ପରିବହନ ବିଭାଗ | 101.72 | 907.64 | | | **1009.36** |
| 22 | ଜଙ୍ଗଲ, ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ | 552.50 | 535.56 | | | **1088.06** |
| 23 | କୃଷି ଓ କୃଷକ ସଶକ୍ତିକରଣ ବିଭାଗ | 993.21 | 5282.91 | | | **6276.12** |
| 24 | ଇସ୍ପାତ ଓ ଖଣି ବିଭାଗ | 66.65 | 96.20 | | | **162.85** |
| 25 | ସୂଚନା ଓ ଲୋକସମ୍ପର୍କ ବିଭାଗ | 63.14 | 56.85 | | | **119.99** |
| 26 | ଅବକାରୀ ବିଭାଗ | 116.19 | 40.00 | | | **156.19** |
| 27 | ବିଜ୍ଞାନ ଓ ବୈଷୟିକ ବିଭାଗ | 10.25 | 176.39 | | | **186.64** |
| 28 | ଗ୍ରାମ୍ୟ ଉନ୍ନୟନ ବିଭାଗ | 1476.45 | 5082.68 | | | **6559.13** |
| 29 | ସଂସଦୀୟ ବ୍ୟାପାର  ବିଭାଗ | 70.65 | 13.24 | | | **83.89** |
| 30 | ଶକ୍ତି ବିଭାଗ | 40.54 | 3438.90 | | | **3479.44** |
| 31 | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ | 70.21 | 132.93 | | | **203.15** |
| 32 | ପର୍ଯ୍ୟଟନ ବିଭାଗ | 16.06 | 578.59 | | | **594.64** |
| 33 | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ | 479.12 | 1178.42 | | | **1657.54** |
| 34 | ସମବାୟ ବିଭାଗ | 140.12 | 1700.00 | | | **1840.12** |
| 35 | ସାଧାରଣ ଉଦ୍ୟୋଗ ବିଭାଗ | 4.85 | 5.50 | | | **10.35** |
| 36 | ମହିଳା  ଓ ଶିଶୁ କଲ୍ୟାଣ ବିଭାଗ | 27.72 | 3538.90 | | | **3566.62** |
| 37 | ଇଲେକ୍ଟ୍ରୋନିକ୍ସ୍ ଓ ସୂଚନା ପ୍ରଯୁକ୍ତିବିଦ୍ୟା | 6.43 | 293.43 | | | **299.86** |
| 38 | ଉଚ୍ଚ ଶିକ୍ଷା ବିଭାଗ | 1277.20 | 1529.93 | | | **2807.14** |
| 39 | ଦକ୍ଷତା ବୃଦ୍ଧି  ଓ ବୈଷୟିକ ଶିକ୍ଷା ବିଭାଗ | 451.95 | 356.95 | | | **808.90** |
| 40 | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | 74.26 | 548.40 | | | **622.66** |
| 41 | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ | 84.48 | 3621.12 | | | **3705.61** |
| 42 | ବିପର୍ଯ୍ୟୟ ପରିଚାଳନା ବିଭାଗ | 28.41 | 20.96 | 3,210.00 | | **3259.37** |
| 43 | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | 32.88 | 131.85 | | | **164.73** |
| 44 | ମିଶନ ଶକ୍ତି ବିଭାଗ | 2.00 | 1998.00 | | | **2000.00** |
| ସର୍ବ ମୋଟ | | 89,620 | 1,00,000 | 3,210 | 7,170 | 2,00,000 |

## 2. କ୍ଷେତ୍ରୀୟ ମୁଖ୍ୟାଂଶ

### (କ) ସମସ୍ତଙ୍କ ପାଇଁ ସୁଗମ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା

- ସାମଗ୍ରିକ ଭାବେ ସ୍ୱାସ୍ଥ୍ୟକ୍ଷେତ୍ରରେ ଖର୍ଚ୍ଚ ନିମନ୍ତେ 12 ହଜାର 2 ଶହ 41 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ଯାହାକି, 2022-23 ଆର୍ଥିକ ବର୍ଷ ଲାଗି ଉଦ୍ଦିଷ୍ଟ ମୋଟ୍ ବଜେଟ୍‌ର 6.1 ପ୍ରତିଶତ
- "ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା"ରେ ପ୍ରାୟ ଲକ୍ଷ ପରିବାର 96ଙ୍କ ପାଇଁ କ୍ୟାସଲେସ ସ୍ୱାସ୍ଥ୍ୟ (ନଗଦବିହୀନ) ସେବାର ସୁବିଧାବାବଦକୁ 1 ହଜାର 8 ଶହ କୋଟି ଟଙ୍କା 64ର ବ୍ୟୟ ବରାଦ କରାଯାଇଛି
- "ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ" ଅଧିନରେ 2 ହଜାର 3 ଶହ 35 କୋଟି ଟଙ୍କା ଏବଂ "ସ୍ୱାସ୍ଥ୍ୟ ଓ ଚିକିତ୍ସା ଶିକ୍ଷାରେ ମାନବ ସମ୍ବଳ" ଯୋଜନା ଅଧିନରେ 3 ଶହ 12 କୋଟି ଟଙ୍କା ବ୍ୟବସ୍ଥା ରହିଛି
- ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ **2 ହଜାର 156 କୋଟି** ଟଙ୍କା ବ୍ୟୟ ବରାଦ

### (ଖ) ପାନୀୟ ଜଳ ଓ ସହରୀ ସୁବିଧାର ବ୍ୟବସ୍ଥା

- ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜଳ ଯୋଗାଣ ପାଇଁ ବସୁଧା ଯୋଜନା ଅଧିନରେ 2 ହଜାର 2 ଶହ 55 କୋଟି ଟଙ୍କା ବ୍ୟବସ୍ଥା
- ସମସ୍ତଙ୍କୁ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ପାଇଁ "ଜଳ ଜୀବନ ମିଶନ" ଅଧିନରେ 6 ହଜାର କୋଟି ଟଙ୍କାର ବ୍ୟୟବରାଦ
- ସହରାଞ୍ଚଳ ସ୍ୱେରେଜ ପ୍ରକଳ୍ପ ଅଧିନରେ 1 ଶହ 38 କୋଟି ଟଙ୍କା, ଓଡିଶା ସମନ୍ୱିତ ପରିମଳ ଉନ୍ନତିକରଣ ପ୍ରକଳ୍ପ ଅଧିନରେ 3 ଶହ 34 କୋଟି ଟଙ୍କା, ଏବଂ ସହରାଞ୍ଚଳ ପରିମଳ ପ୍ରକଳ୍ପ ଅଧିନରେ 2 ଶହ 51 କୋଟି ଟଙ୍କା
- ସହରାଞ୍ଚଳ ପ୍ରଶାସନର ଉନ୍ନତି ପାଇଁ 4 ଶହ 15 କୋଟି ଟଙ୍କା, ନୂତନ ସହର ବିକାଶ ଯୋଜନା ଅଧିନରେ 2 ଶହ 14 କୋଟି ଟଙ୍କା, ଏବଂ ଜାଗା ମିଶନ ଅଧିନରେ 100 କୋଟି ଟଙ୍କାର ବ୍ୟବସ୍ଥା
- "ସ୍ୱଚ୍ଛ ଭାରତ ଅଭିଯାନ" ଅଧିନରେ 2 ଶହ 50 କୋଟି ଟଙ୍କା, ସ୍ମାର୍ଟ ସିଟି ଅଧିନରେ 2 ଶହ କୋଟି ଟଙ୍କା ଏବଂ ନଗରାଞ୍ଚଳ ପୁନର୍ଜୀବନ ଏବଂ ରୁପାନ୍ତରୀକରଣ ନିମନ୍ତେ ଅଟଳ ମିଶନ (AMRUT) ଯୋଜନା ଅଧିନରେ 2 ଶହ କୋଟି ଟଙ୍କା ଅନ୍ତର୍ଭୁକ୍ତ

### (ଗ) କୃଷି ଓ ଆନୁସଙ୍ଗିକ କାର୍ଯ୍ୟକ୍ରମ –

- କୃଷି ଓ ଆନୁସଙ୍ଗିକ କାର୍ଯ୍ୟକ୍ରମ ମାଧମରେ ଖାଦ୍ୟ ଉତ୍ପାଦନ, ଚାଷୀଙ୍କ ରୋଜଗାର ଓ କୃଷକ କଲ୍ୟାଣ ପାଇଁ 20 ହଜାର 344 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି
- ଚାଷୀ ମାନଙ୍କର ସାମଗ୍ରିକ କଲ୍ୟାଣ ନିମନ୍ତେ "କାଳିଆ" ଯୋଜନା ରେ 1 ହଜାର 874 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି
- ସାର ଓ ବିହନ ପାଇଁ ସୁଧମୁକ୍ତ ଋଣ ବାବଦକୁ 300 କୋଟି ଟଙ୍କା
- ଶସ୍ୟ ଉତ୍ପାଦନ ପରିଚାଳନା ବାବଦକୁ 688 କୋଟି ଟଙ୍କା
- ଉଦ୍ୟାନ କୃଷି ବିକାଶ ଯୋଜନା ଅଧିନରେ 1 ଶହ 57 କୋଟି ଟଙ୍କା
- ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟକୁ ଗବେଷଣା ଓ ଶିକ୍ଷା ନିମନ୍ତେ 1 ଶହ 61 କୋଟି ଟଙ୍କାର ଅନୁଦାନ
- ପଶୁସମ୍ପଦର ସ୍ୱାସ୍ଥ୍ୟ ଏବଂ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ 2 ଶହ 73 କୋଟି ଟଙ୍କା
- ସଘନ ଓ ଆଭ୍ୟନ୍ତରୀଣ ମତ୍ସ୍ୟଚାଷର ବିକାଶ ନିମନ୍ତେ 1 ଶହ 82 କୋଟି ଟଙ୍କା

- କୁକୁଡା ଚାଷ ପାଇଁ 87 କୋଟି ଟଙ୍କା, ଓ ଦୁଗ୍ଧ ଉତ୍ପାଦନର ଅଭିବୃଦ୍ଧି ଲାଗି 31 କୋଟି ଟଙ୍କା
- କୃଷକମାନଙ୍କୁ ସୁଧ ରିହାତି ବାବଦକୁ 907 କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧିନରେ ପ୍ରିମିୟମ ସବସିଡି ବାବଦକୁ 600 କୋଟି ଟଙ୍କା, ଏବଂ ସମବାୟ ବ୍ୟାଙ୍କମାନଙ୍କୁ ଅଂଶଧନ ସହାୟତା ପାଇଁ 150 କୋଟି ଟଙ୍କା

## (ଘ) ଜଳସେଚନର ସଂପ୍ରସାରଣ

- ଜଳସେଚନ କ୍ଷେତ୍ରରେ ବିଭିନ୍ନ ଯୋଜନା ପାଇଁ ମୋଟ୍ 8 ହଜାର 523 କୋଟି ଟଙ୍କା ଅନ୍ତର୍ଭୁକ୍ତ
- PMKSY ଯୋଜନା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଅସମ୍ପୂର୍ଣ୍ଣ AIBP ପ୍ରକଳ୍ପ ପାଇଁ 2,493 କୋଟି ଟଙ୍କାର ବ୍ୟୟବରାଦ
- ସମସ୍ତ ପ୍ରମୁଖ ନଦୀ ଗୁଡିକରେ In-stream Storage Structures (ISS) ର ନିର୍ମାଣ ପାଇଁ ଏହି ବର୍ଷ ବଜେଟରେ 1,044 କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି
- ଜଳ କ୍ଷେତ୍ର ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ (WSIDP) ଅଧୀନରେ ଚାଲୁଥିବା ଏବଂ ନୂତନ ପ୍ରକଳ୍ପ ମାନଙ୍କ ପାଇଁ 1,022 କୋଟି ଟଙ୍କାର ପ୍ରସ୍ତାବ
- ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ କାର୍ଯ୍ୟପାଇଁ 968 କୋଟି ଟଙ୍କାର ବ୍ୟୟ ବରାଦ
- "ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା " 485 କୋଟି ଟଙ୍କାର ବ୍ୟୟ ବରାଦ
- RIDF ଅଧିନରେ ଜଳ ନିଧି ଯୋଜନା ଅଧିନରେ ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି 234 କୋଟି ଟଙ୍କାର ପ୍ରସ୍ତାବ
- ବିଜୁ କୃଷକ ବିକାଶ ଯୋଜନା ଅଧିନରେ ଗୋଷ୍ଠି ଉଠା ଜଳସେଚନ ପ୍ରକଳ୍ପ ମାନଙ୍କ ପାଇଁ 422 କୋଟି ଟଙ୍କାର ପ୍ରସ୍ତାବ
- ଅଚଳ ଉଠାଜଳସେଚନ କେନ୍ଦ୍ର ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ 195 କୋଟି ଟଙ୍କାର ପ୍ରସ୍ତାବ
- ଜଳ ସଞ୍ଚାଳନ କ୍ଷତିକୁ କମ୍ କରିବା ଲାଗି Canal Lining System Rehabilitation Programme (CLSRP) ଯୋଜନାରେ 440 କୋଟି ଟଙ୍କାର ବ୍ୟୟବରାଦ
- ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ପାଇଁ 50 କୋଟି ଟଙ୍କାର ବ୍ୟୟବରାଦ

## (ଙ) ଗୃହନିର୍ମାଣ –

- PMAY-ଗ୍ରାମୀଣ and ବିଜୁ ପକ୍କା ଘର ଯୋଜନା ଅଧିନରେ ପକ୍କା ବାସଗୃହ ବାବଦକୁ 5,906 କୋଟି ଟଙ୍କାର ବ୍ୟୟ ବରାଦ
- PMAY-ସହରାଞ୍ଚଳ ଏବଂ ସହରାଞ୍ଚଳ ବାସଗୃହ ଯୋଜନାରେ 463 କୋଟି ଟଙ୍କାର ପ୍ରସ୍ତାବ

## (ଚ) ଶ୍ରମ ନିଯୁକ୍ତି, ଜୀବିକା ଏବଂ ମୌଳିକ ସେବା

- MGNREGA ର material component ପାଇଁ 2,001 କୋଟି ଟଙ୍କାର ବ୍ୟୟବରାଦ
- ମଜୁରୀ ରୋଜଗାରର ଚାହିଦାକୁ ଦୃଷ୍ଟିରେ ରଖି, ମଜୁରୀର ଠିକ ସମୟରେ ଦେୟ ପାଇଁ MGNREGS ରିଭଲିଭିଂ ପାଣ୍ଠିର କର୍ପସ ଆକାରକୁ 500 କୋଟି ଟଙ୍କାରୁ 1,000 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି
- ଜାତୀୟ ଗ୍ରାମୀଣ ଜୀବିକା ମିଶନ (NRLM) ଯୋଜନା ଅଧୀନରେ 91 କୋଟି ଟଙ୍କାର ବ୍ୟୟବରାଦ
- Shyama Prasad Mukherjee RURBAN Mission ଯୋଜନା ପାଇଁ 80 କୋଟି ଟଙ୍କାର ବ୍ୟୟବରାଦ

- ସହରାଞ୍ଚଳରେ ଶ୍ରମ ନିଯୁକ୍ତି ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପରତା ଅଭିଯାନ (MUKTA) ଅଧିନରେ 194 କୋଟି ଟଙ୍କାର ବ୍ୟୟବରାଦ
- ମୌଳିକ ସେବା ଯୋଗାଇବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ପୌରାଞ୍ଚଳ ନିକାୟ ସଂସ୍ଥା ଗୁଡିକୁ 7,170 କୋଟି ଟଙ୍କା ହସ୍ତାନ୍ତର

## (ଛ) ଶିକ୍ଷା ବ୍ୟବସ୍ଥା ଓ ଦକ୍ଷତା ବିକାଶର ରୂପାନ୍ତରୀକରଣ

- ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ମୋଟ୍ 26,492 କୋଟି ଟଙ୍କା ବ୍ୟୟ ବରାଦ
- "ମୋ ସ୍କୁଲ ଅଭିଯାନ" ନିମନ୍ତେ 521 କୋଟି ଟଙ୍କା
- ମନୋନୀତ 100ଟି ଉତ୍କର୍ଷ ବିଦ୍ୟାଳୟରେ ସ୍ମାର୍ଟ ଶ୍ରେଣୀ କକ୍ଷ ନିମନ୍ତେ 439 କୋଟି ଟଙ୍କା
- ବେସରକାରୀ ଉଚ୍ଚ ବିଦ୍ୟାଳୟଗୁଡିକୁ ଅନୁଦାନ ନିମନ୍ତେ 1,109 କୋଟି ଟଙ୍କା
- ଓଡିଶା ଆଦର୍ଶ ବିଦ୍ୟାଳୟ ନିମନ୍ତେ 420 କୋଟି ଟଙ୍କା
- ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ନିମନ୍ତେ 1,283 କୋଟି ଟଙ୍କା
- "ସମଗ୍ର ଶିକ୍ଷା" ନିମନ୍ତେ 3,552 କୋଟି ଟଙ୍କା
- ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକର ଭିତ୍ତିଭୂମି ବିକାଶ ନିମନ୍ତେ 165 କୋଟି ଟଙ୍କା
- ବିଶ୍ୱବ୍ୟାଙ୍କ ସହାୟତା ପ୍ରାପ୍ତ ପ୍ରକଳ୍ପ ଅଧୀନରେ ଓଡିଶାରେ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ 258 କୋଟି ଟଙ୍କା
- ରାଷ୍ଟ୍ରିୟ ଉଚ୍ଚତର ଶିକ୍ଷା ଅଭିଯାନ (RUSA) ନିମନ୍ତେ 182 କୋଟି ଟଙ୍କାର ବ୍ୟୟ ବରାଦ
- Asian Development Bank ର ସହାୟତାରେ କାର୍ଯ୍ୟକାରୀ ହେଉଥିବା ଓଡିଶା ଦକ୍ଷତା ବିକାଶ ପ୍ରକଳ୍ପ (Odisha Skill Development Project) ଅଧିନରେ ଏକ ବିଶ୍ୱ ଦକ୍ଷତା କେନ୍ଦ୍ର (World Skill Center) ପ୍ରତିଷ୍ଠା ନିମନ୍ତେ 100 କୋଟି ଟଙ୍କାର ପ୍ରସ୍ତାବ
- ବୈଷୟିକ ବିଶ୍ୱବିଦ୍ୟାଳୟ, ଯାନ୍ତ୍ରିକ ମହାବିଦ୍ୟାଳୟ, ଯାନ୍ତ୍ରିକ ବିଦ୍ୟାଳୟ, Polytechnic ଏବଂ ITI ଗୁଡିକରେ ଭିତ୍ତିଭୂମିର ବିକାଶ ଲାଗି 200 କୋଟି ଟଙ୍କାର ବ୍ୟୟ ବରାଦ

## (ଜ) ମହିଳା ଓ ଶିଶୁ ବିକାଶ –

- ବିଭିନ୍ନ ମହିଳା ଏବଂ ଶିଶୁ କୈନ୍ଦ୍ରିକ ନୀତି ତଥା କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ମୋଟ 3,567 କୋଟି ଟଙ୍କା ଆବଣ୍ଟନ କରାଯାଇଛି
- "MAMATA" ଯୋଜନା ଅଧିନରେ 247 କୋଟି ଟଙ୍କାର ବ୍ୟୟ ବରାଦ
- Supplementary Nutrition Programme-Poshan 2.0 ଅଧିନରେ 1,113 କୋଟି ଟଙ୍କାର ବ୍ୟୟ ବରାଦ ଓ "Saksham Anganwadi and Poshan - 2.0" ଯୋଜନାରେ 6 ବର୍ଷରୁ କମ୍ ପିଲାମାନଙ୍କର ପୁଷ୍ଟି ଏବଂ ସ୍ୱାସ୍ଥ୍ୟ ସ୍ତରରେ ଉନ୍ନତି ଆଣିବା ପାଇଁ 1,284 କୋଟି ଟଙ୍କା ପ୍ରସ୍ତାବ
- ICDS ଯୋଜନାର ରାଜ୍ୟ ସହାୟତା ଦିଗରେ 416 କୋଟି ପ୍ରଦାନ
- "SOPAN" ଯୋଜନା ଅଧୀନ ରେ ରାଜ୍ୟର ଅପେକ୍ଷାକୃତ ଖରାପ ସ୍ୱାସ୍ଥ୍ୟ ସୂଚକାଙ୍କ ଥିବା 125 ଟି ବ୍ଲକରେ ପୁଷ୍ଟି ସ୍ତରରେ ଉନ୍ନତି ପାଇଁ 88 କୋଟି ଟଙ୍କାର ବ୍ୟୟ ବରାଦ
- "ମାଳତିଦେବୀ ପ୍ରାକ-ବିଦ୍ୟାଳୟ ପରିଧାନ" ଯୋଜନା ଅଧୀନରେ ପ୍ରାକ-ବିଦ୍ୟାଳୟ ଶିକ୍ଷା ଗ୍ରହଣ କରୁଥିବା ପିଲାମାନଙ୍କ ପାଇଁ ୟୁନିଫର୍ମ ଯୋଗାଣ ପାଇଁ 78 କୋଟି ଟଙ୍କା ପ୍ରଦାନ କରାଯାଇଛି
- ବିଜୁ ଶିଶୁ ସୁରକ୍ଷା ଯୋଜନା-ଆଶୀର୍ବାଦ ଅଧିନରେ 43 କୋଟି ଟଙ୍କାର ବ୍ୟବସ୍ଥା

## (ଝ) ମିଶନ ଶକ୍ତି

- ମିଶନ ଶକ୍ତି କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ କାର୍ଯ୍ୟକଳାପ ପାଇଁ 2,000 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି
- ଏଥି ମଧ୍ୟରୁ "ଜାତୀୟ ଗ୍ରାମୀଣ ଜୀବିକା ମିଶନ" ନିମନ୍ତେ 1,039 କୋଟି ଟଙ୍କା
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କର ମହାସଂଘଗୁଡ଼ିକ ପାଇଁ 773 କୋଟି ଟଙ୍କା
- ବ୍ଲକ ସ୍ତରରେ "ମିଶନ ଶକ୍ତି ଗୃହ" ନିର୍ମାଣ ପାଇଁ 176 କୋଟି ଟଙ୍କା
- ବ୍ୟାଙ୍କ ବିହୀନ ତଥା ସ୍ୱଳ୍ପ ସଂଖ୍ୟକ ବ୍ୟାଙ୍କ ଥିବା ଗ୍ରାମ ପଞ୍ଚାୟତଗୁଡ଼ିକରେ ବ୍ୟାଙ୍କିଙ୍ଗ ସେବା ଉପଲବ୍ଧିକୁ ସୁନିଶ୍ଚିତ କରାଇବା ପାଇଁ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କର ମହାସଂଘର ସଦସ୍ୟମାନେ ସଂପ୍ରତି Business Correspondent Agents (BCAs) ଭାବରେ ନିୟୋଜିତ ହେଉଛନ୍ତି
- "ମିଶନ ଶକ୍ତି " ଅଧିନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କର ସଂଘର ସହାୟତା ପାଇଁ 316 କୋଟି ଟଙ୍କାର ବ୍ୟୟ ବରାଦ
- ବ୍ଲକ ସ୍ତରରେ "ମିଶନ ଶକ୍ତି ଗୃହ " ନିର୍ମାଣ ପାଇଁ ଅତିରିକ୍ତ 100 କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି

## (ଞ) ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ ଏବଂ ସଂଖ୍ୟାଲଘୁମାନଙ୍କ ବିକାଶ

- ଅନୁସୂଚିତ ଜାତି ଓ ଜନଜାତିର ଉପାଂଶ (Sub-component) ଅଧିନରେ ମୋଟ 33,203 କୋଟି ଟଙ୍କାର ବ୍ୟୟ ବରାଦ
- "ANWESHA" ସମେତ ବିଭିନ୍ନ ସାମାଜିକ କ୍ଷେତ୍ରର ଉନ୍ନୟନ ପଦକ୍ଷେପ ପାଇଁ 343 କୋଟି ଟଙ୍କାର ବ୍ୟୟ ବରାଦ
- "AKANKSHYA" ଯୋଜନା ଅଧିନରେ ଅନୁସୂଚିତ ଜନଜାତି ଛାତ୍ରୀମାନଙ୍କ ପାଇଁ ଛାତ୍ରୀନିବାସ ଓ ସହରୀ ଛାତ୍ରାବାସ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ 538 କୋଟି ଟଙ୍କାର ବ୍ୟୟ ବରାଦ
- ପ୍ରଧାନମନ୍ତ୍ରୀ ଜନ ବିକାଶ କାର୍ଯ୍ୟକ୍ରମ (PMJVK) ଅଧୀନରେ 21 ସଂଖ୍ୟାଲଘୁ ଛାତ୍ରାବାସ ପାଇଁ 22 କୋଟି ଟଙ୍କାର ବ୍ୟୟ ବରାଦ
- ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କର Pre-matric ଏବଂ Post-matric ବୃତ୍ତି ପାଇଁ 950 କୋଟି ଟଙ୍କାର ବ୍ୟୟ ବରାଦ
- ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା (PMAGY) ଅଧୀନରେ 269 କୋଟି ଟଙ୍କାର ବ୍ୟୟବରାଦ
- 2022-23 ବର୍ଷରେ ଅଧିକ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ SCA to TSS ଯୋଜନାରେ 121 କୋଟି ଟଙ୍କାର ବ୍ୟୟବରାଦ

## (ଟ) ସାମାଜିକ ନିରାପତ୍ତା ବ୍ୟବସ୍ଥା

- ସାମାଜିକ ନିରାପତ୍ତା ଲାଗି ସର୍ବମୋଟ୍ 3,621 କୋଟି ଟଙ୍କାର ବ୍ୟୟ ବରାଦ
- ବୃଦ୍ଧ, ବିଧବା ଏବଂ ଦିବ୍ୟାଙ୍ଗ ହିତାଧିକକାରୀଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ "ମଧୁବାବୁ ପେନସନ ଯୋଜନା" ଅଧିନରେ 2,017 କୋଟି ଟଙ୍କା ଓ ଜାତୀୟ ସାମାଜିକ ସହାୟତା ଯୋଜନା (NSAP) ଅଧିନରେ 1,330 କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି
- ଦିବ୍ୟାଙ୍ଗ ମାନଙ୍କର କଲ୍ୟାଣ ପାଇଁ 104 କୋଟି ଟଙ୍କା ଏବଂ ଜାତୀୟ ଦିବ୍ୟାଙ୍ଗ ଯୋଜନା ଅଧିନରେ 18 କୋଟି ଟଙ୍କାର ପ୍ରସ୍ତାବ

- ❖ ଦୁଃସ୍ଥ  ଓ ପରିତ୍ୟକ୍ତ ବ୍ୟକ୍ତିଙ୍କ କଲ୍ୟାଣ ପାଇଁ 136 କୋଟି ଟଙ୍କାର ପ୍ରସ୍ତାବ ଯେଉଁଥିରେ ବୃଦ୍ଧାଶ୍ରମ ସ୍ଥାପନ ପାଇଁ ବ୍ୟବସ୍ଥା ଅନ୍ତର୍ଭୁକ୍ତ
- ❖ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ପାଇଁ 23 କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି

## (ଠ) ଖାଦ୍ୟ ନିରାପତ୍ତା

- ❖ କେ.ଜି. ପିଛା 1 ଟଙ୍କାରେ ଚାଉଳ ଯୋଗାଇ ଦେବାଲାଗି ସର୍ବମୋଟ୍ 1,023 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି
- ❖ ରାଜ୍ୟର ନିଜସ୍ୱ ଖାଦ୍ୟ ନିରାପତ୍ତା ଯୋଜନା ମାଧ୍ୟମରେ ଜାତୀୟ ଖାଦ୍ୟ ନିରାପତ୍ତା ଅଧିନୀୟମେରୁ ବଞ୍ଚିତ ଅତିରିକ୍ତ ହିତାଧିକାରୀଙ୍କୁ ମାସିକ 5 କିଲୋଗ୍ରାମ ଚାଉଳ ରିହାତି ଦରରେ କେ.ଜି. ପିଛା 1 ଟଙ୍କା

## (ଡ) ପୁଞ୍ଜି ବିନିଯୋଗ

- ❖ ଏହି ବଜେଟ୍ ରେ 40,011 କୋଟି ଟଙ୍କାର ପୁଞ୍ଜି ବିନିଯୋଗ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର 5.6 ପ୍ରତିଶତ ଅଟେ
- ❖ ଏଥି ମଧ୍ୟରୁ ବିଜୁ ଏକ୍ସପ୍ରେସୱେ ପାଇଁ 300 ଶହ କୋଟି ଟଙ୍କା
- ❖ State Capital Project ଅଧିନରେ 178 କୋଟି ଟଙ୍କା
- ❖ ABADHA ଯୋଜନା ଅଧିନରେ ପୁରୀରେ ମୌଳିକ ସୁବିଧା, ଐତିହ ଓ ସ୍ଥାପତ୍ୟର ବିକାଶ ପାଇଁ 1,408 କୋଟି ଟଙ୍କା,
- ❖ ଏକାମ୍ର କ୍ଷେତ୍ରର ସୁବିଧା ଏବଂ ସ୍ମାରକୀ ପୁନରୁଦ୍ଧାର କାର୍ଯ୍ୟ ଯୋଜନା (EKAMRA) ଅଧିନରେ 200 କୋଟି ଟଙ୍କା
- ❖ ସମଲେଶ୍ୱରୀ ମନ୍ଦିର ଅଞ୍ଚଳର ପରିଚାଳନା ଏବଂ ସ୍ଥାନୀୟ ଅର୍ଥନୈତିକ ପଦକ୍ଷେପ (SAMALEI) ଯୋଜନା ଅଧିନରେ 200 କୋଟି ଟଙ୍କା
- ❖ ଐତିହ, ସ୍ମାରକୀ ଓ ପର୍ଯ୍ୟଟନସ୍ଥଳୀଗୁଡିକର ସମନ୍ୱିତ ବିକାଶ ପାଇଁ 150 କୋଟି ଟଙ୍କା
- ❖ ବିଜୁ ସେତୁ ଯୋଜନା ଅଧିନରେ 1648 କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ 1100 କୋଟି ଟଙ୍କା
- ❖ ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ 675 କୋଟି ଟଙ୍କା
- ❖ ଦୁର୍ଗମ ଅଞ୍ଚଳରେ ଅପହଞ୍ଚ ଗ୍ରାମଗୁଡିକୁ ସଂଯୋଗ କରିବା ପାଇଁ ଉଦ୍ଦିଷ୍ଟ (CUVDA) ଯୋଜନା ଅଧିନରେ 150 କୋଟି ଟଙ୍କା
- ❖ ଅସଂଯୁକ୍ତ ରାସ୍ତାଗୁଡିକର ସଂଯୋଗୀକରଣ (CMRL) ପାଇଁ 150 କୋଟି ଟଙ୍କା ଏବଂ
- ❖ Transferred Road Improvement Programme (TRIP) ଯୋଜନା ପାଇଁ 340 କୋଟି ଟଙ୍କା ଉଦ୍ଦିଷ୍ଟ।

## (ଢ) ଶିଳ୍ପ; ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ; ଏବଂ ଷ୍ଟାର୍ଟଅପ୍ସ

- ❖ ବିଶ୍ୱସ୍ତରୀୟ ଭିତ୍ତିଭୂମିର ପ୍ରତିଷ୍ଠା ତଥା ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଷ୍ଟାର୍ଟ-ଅପ ଗୁଡିକୁ ପ୍ରୋତ୍ସାହିତ କରିବା ଲାଗି ଏହି କ୍ଷେତ୍ର ପାଇଁ 2022-23 (ବଜେଟ୍ ଅଟକଳ) ରେ 1 ହଜାର 6 ଶହ 35 କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି, ଯାହା ପୂର୍ବ ବର୍ଷର ବ୍ୟୟ ବରାଦ ତୁଳନାରେ ପ୍ରାୟ 37 ପ୍ରତିଶତ ଅଧିକ ଅଟେ

## (ଣ) ସାଧାରଣ ପ୍ରଶାସନ ଏବଂ ଆଇନ ଶୃଙ୍ଖଳା

- ❖ ନ୍ୟାୟ ପ୍ରଦାନ, ଆଭ୍ୟନ୍ତରୀଣ ନିରାପତ୍ତା ରକ୍ଷା, ଅପରାଧ ନିୟନ୍ତ୍ରଣ, ଅଗ୍ନି ବିପର୍ଯ୍ୟୟ, ଏବଂ ନିୟନ୍ତ୍ରଣ ପରିଚାଳନା ଇତ୍ୟାଦି ପାଇଁ 2022-23 ବର୍ଷରେ 8,960 କୋଟି ଟଙ୍କାର ବ୍ୟୟ ବରାଦ
- ❖ ପୋଲିସ, ଅଗ୍ନିଶମ ଏବଂ କାରାଗାର ସଂଗଠନର ଆବାସିକ ଏବଂ ଅଣ-ଆବାସିକ ଗୃହ ନିର୍ମାଣ ପାଇଁ 335 କୋଟି ଟଙ୍କା ପ୍ରଦାନ କରାଯାଇଛି
- ❖ ନ୍ୟାୟପାଳିକାର  ଭିତ୍ତିଭୂମି ସୁବିଧା ବିକାଶ ପାଇଁ 50 କୋଟି ପ୍ରସ୍ତାବ ଦିଆଯାଇଛି
- ❖ ସମସ୍ତ ପ୍ରକାର ଜରୁରୀକାଳୀନ ସେବା ପାଇଁ ERSS Dial -112 ରୂପରେ ଏକ ଦେଶବ୍ୟାପୀ distress call ସେବାର ଆରମ୍ଭ ପାଇଁ 81 କୋଟି ପ୍ରଦାନ କରାଯାଇଛି
- ❖ CCTNS ପ୍ରକଳ୍ପ ପାଇଁ 30 କୋଟି ଟଙ୍କା ପ୍ରସ୍ତାବ ଦିଆଯାଇଛି
- ❖ ରାଜସ୍ୱ ପ୍ରଶାସନ ଅଧୀନରେ ଥିବା କୋଠବାଡି, ଆଇଟି ଭିତ୍ତିଭୂମିକୁ ମଜବୁତ କରିବା, ସରକାରୀ ଜମିର ସୁରକ୍ଷା ଏବଂ ଲଘୁ  ଖଣିଜ ପଦାର୍ଥ ଚୋରି ରୋକିବା ପାଇଁ  368 କୋଟି ଟଙ୍କାର ପ୍ରସ୍ତାବ

## (ତ) ଜଙ୍ଗଲ, ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ

- ❖ 2021-22 ମସିହାରେ ଜଙ୍ଗଲ କ୍ଷେତ୍ର ପାଇଁ 2,193 କୋଟି ଟଙ୍କାର ବ୍ୟୟବରାଦ
- ❖ ଉପରୋକ୍ତ ବ୍ୟୟ ବରାଦ ମଧ୍ୟରେ ରହିଛି CAMPA ପାଣ୍ଠିରୁ 1,105  କୋଟି, JICA ସହାୟତାରେ ଓଡିଶା ବନାଞ୍ଚଳ ବିକାଶ ପ୍ରକଳ୍ପ (OFSDP) ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାରିତା ପାଇଁ 132 କୋଟି ଟଙ୍କା
- ❖ ଆମ ଜଙ୍ଗଲ ଯୋଜନା ଅଧୀନରେ ଅଧିକରୁ ଅଧିକ ବନାଞ୍ଚଳକୁ  ସଂଯୁକ୍ତ ଜଙ୍ଗଲ ପରିଚାଳନା ପରିସରକୁ ଆଣିବାପାଇଁ 15 କୋଟି ଟଙ୍କାର ପ୍ରସ୍ତାବ
- ❖ Green Climate Fund (GCF) ରେ ₹52 crore, National Mission for a Green India ପାଇଁ ₹42 crore, ଅଗ୍ନି ନିର୍ବାପନ ନିମନ୍ତେ ₹40 crore ଏବଂ ବ୍ୟାଘ୍ର ପ୍ରକଳ୍ପ ଉଦ୍ଦେଶ୍ୟ ରେ ₹35 crore ର ପ୍ରସ୍ତାବ ଅନ୍ତର୍ଭୁକ୍ତ

## (ଥ) ପର୍ଯ୍ୟଟନ

- ❖ ଓଡ଼ିଶା ପର୍ଯ୍ୟଟନ ପାଇଁ 595 କୋଟି ଟଙ୍କାର ବ୍ୟୟ ବରାଦ
- ❖ ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନୟନ ଓ ପରିଚାଳନା ପାଇଁ 375 କୋଟି ଟଙ୍କାର ବ୍ୟୟବରାଦ ଏବଂ ପର୍ଯ୍ୟଟନର ପ୍ରଚାରପ୍ରସାର ପାଇଁ 155 କୋଟି ଟଙ୍କା ଉଦ୍ଦିଷ୍ଟ
- ❖ Piligrimage Rejuvenation and Spiritual Augmentation Drive (PRASAD) ଯୋଜନା ରେ 39 କୋଟି ଟଙ୍କା

## (ଦ) ଯୁବ କଲ୍ୟାଣ ଏବଂ କ୍ରୀଡାର ପ୍ରୋତ୍ସାହନ

- ❖ ଯୁବ କଲ୍ୟାଣ ଏବଂ କ୍ରୀଡାର ପ୍ରୋତ୍ସାହନ ମୋଟ ପାଇଁ 602 କୋଟି ଟଙ୍କାର ବ୍ୟୟବରାଦ
- ❖ ଅନ୍ୟାନ୍ୟ କ୍ରୀଡା ଭିତ୍ତିଭୂମିର ବିକାଶ ଓ ପରିଚାଳନା ପାଇଁ 411 କୋଟି ଟଙ୍କାର ବ୍ୟୟବରାଦ
- ❖ କ୍ରୀଡା ଓ ଶାରିରୀକ ଶିକ୍ଷାର ପ୍ରୋତ୍ସାହନ ପାଇଁ 115 କୋଟି ଟଙ୍କାର ବ୍ୟୟବରାଦ
- ❖ Khelo India ଅଧିନରେ ରାଜ୍ୟ ସହାୟତା ବାବଦକୁ 11 କୋଟି ଟଙ୍କା

## (ଧ) ଯୋଜନା ଓ ସଂଯୋଜନା

- ❖ MLALAD ପାଣ୍ଠିରେ 441 କୋଟି ଟଙ୍କାର ବ୍ୟୟବରାଦ

- ❖ ରାଜ୍ୟରେ ସ୍ୱତନ୍ତ୍ର ଧରଣର ପ୍ରକଳ୍ପ ପାଇଁ Special Problem Fund (SPF) ଯୋଜନା ଅଧୀନରେ 150 କୋଟି ଟଙ୍କାର ପ୍ରସ୍ତାବ
- ❖ ପଶ୍ଚିମ ଓଡିଶାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ, WODC ପାଇଁ 180 କୋଟି ଟଙ୍କା ଯୋଗାଇ ଦିଆଯାଇଛି, ଯାହା ପୂର୍ବ ବର୍ଷର ବ୍ୟୟବରାଦଠାରୁ ଦୁଇଗୁଣରୁ ଅଧିକ
- ❖ କେବିକେ ଜିଲ୍ଲାର ଭିତ୍ତିଭୂମିରେ ଉନ୍ନତି, ମୁଖ୍ୟତଃ ବିଜୁଳି, ସଡକ, ପାଣି ପାଇଁ ବିଜୁ କେବିକେ ଯୋଜନା ଅଧୀନରେ 250 କୋଟିର ଟଙ୍କାର ଏକ ପ୍ରସ୍ତାବ
- ❖ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ ନାମରେ ନାମିତ ଚିତ୍ରକୋଣ୍ଡା ବ୍ଲକର ତତ୍କାଳୀନ ବିଚ୍ଛିନ୍ନାଞ୍ଚଳ ର 151ଟି ଗ୍ରାମର ବିକାଶ ପାଇଁ SETU ଯୋଜନା ଅଧୀନରେ 50 କୋଟି ଟଙ୍କାର ବ୍ୟୟବରାଦ

## (ନ) ଓଡିଆ ଭାଷା, ସଂସ୍କୃତି ଓ ଐତିହ୍ୟ

- ❖ ଓଡିଆ ଭାଷା, ସଂସ୍କୃତି ଓ ଐତିହ୍ୟ ପ୍ରଚାର ପାଇଁ 132 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯେଉଁଥିରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପାଇଁ 46 କୋଟି ଟଙ୍କା, ଆମ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ କୁ ପ୍ରତିଫଳିତ କରୁଥିବା ସ୍ମାରକୀ ଏବଂ ସ୍ଥାନଗୁଡିକର ସଂରକ୍ଷଣ ଏବଂ ସୁରକ୍ଷା ପାଇଁ 15 କୋଟି ଟଙ୍କାର ବ୍ୟୟବରାଦ ଅନ୍ତର୍ଭୁକ୍ତ
- ❖ ଏତଦବ୍ୟତୀତ, ସଂସ୍କୃତି ନିର୍ଦ୍ଦେଶାଳୟ ନିମନ୍ତେ 56 କୋଟି ଟଙ୍କା

## (ପ) ବିପର୍ଯ୍ୟୟ ପରିଚାଳନା

- ❖ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ମୋଟ 3,210 କୋଟି ଟଙ୍କା ବ୍ୟୟବରାଦ ମଧ୍ୟରୁ SDRF ପାଇଁ 2,246 କୋଟି ଟଙ୍କା ଏବଂ NDRF ପାଇଁ 964 କୋଟି ଟଙ୍କାର ବ୍ୟବସ୍ଥା

***